# Akashvani, Sambalpur

## SAMBALPURI NEWS MORNING BULLETIN

## 25 July 2026 - 6.47- 6.52 am.

---

ସୁନାବେଶ                    ପୁରୀ ସମ୍ବାଦଦାତା

ଆଏଜ୍ ପବିତ୍ର ହରିଶୟନ୍ ଏକାଦଶୀ ଅବ୍‌ସରେ ରଥ୍‌ଉପ୍‌ରେ ମାହାପୁରୁମାନ୍‌କର୍ ସୁନାବେଶ ହେବା । ମହଣ୍, ମହଣ୍ ସୁନା ଅଲଙ୍କାର୍‌ଥି ମାହାପୁରୁମାନେ ସଜେଇ ହେବେ । ଗଲାକାଏଲ୍ ମାହାପୁରୁମାନେ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ଛାଡ଼ିକରି ବାହୁଡ଼ାଯାତ୍ରାଥି ଫିରିଛନ୍ । ଆଏଜ୍ ସଖାଲୁ ରଥ୍ ଉପ୍‌ରେ ମଙ୍ଗଲ୍‌ଆଲ୍‌ତୀ, ମଇଲମ, ତଡ଼ପଲାଗି ବାଗିର୍ ଦୈନନ୍ଦିନ ନୀତି କରାଯିବା । ସନ୍ଧ୍ୟା ଆଲ୍‌ତୀ ନୀତି ଉତ୍‌ରୁ ଶ୍ରୀଜୀଉମାନ୍‌କର୍ ଦୁର୍ଲଭ ସୁନାବେଶ ହେବା । ଲାଖ୍ ଲାଖ୍ ଭକ୍ତ ଇ ବେଶ ଦର୍ଶନ୍ ଲାଗି ଭିଡ଼୍ ହେବାର୍ ସମ୍ଭାବନାକେ ନଜର୍‌ଥି ରଖିକରି ପ୍ରଶାସନ୍ ତର୍‌ଫୁ ଖାସ୍ ବ୍ୟବସ୍ଥା କରାଯାଇଛେ । ମାର୍କେଟ୍ ଛକ୍‌ଠାନୁ କରାଯାଇଥିବା ବେରିକେଡ୍ ଦେଇକରି ସିଂହଦୁଆର୍ ଆଗାଡ଼େ ଥିବା ରଥମାନ୍‌କେ

ପରିକ୍ରମାର୍ ସହେତେ ଦର୍ଶନ୍ ସାରିକରି ଫିର୍‌ବାର୍ ବ୍ୟବସ୍ଥା କରାଯାଇଛେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ କରାଯାଇଥିବା ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ସଞ୍ଜର୍ ପାଖାପାଖି ୫ ବଜେନୁ ସୁନାବେଶ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଥିବାର୍ ବେଲେ ଭକ୍ତମାନେ ରାତି ୧୧ ବଜେତକ୍ ଇବେଶ ଦର୍ଶନ୍ କରିପାର୍‌ବେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।
ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍

କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ୟଙ୍ଗ ଇଣ୍ଡିଆ ଟୁର୍ଣ୍ଣାମେଂଟ       ଆଇ ଆଣ୍ଡ୍ ପି.ଆର୍

ୟୁଆନ୍ ପିଢ଼ି ଭିତ୍‌ରେ ସମାଧାନ୍‌ମୂଲକ୍ ନେତୃତ୍ୱର୍ ବିକାଶ୍ ଜରୁରୀ ବଲି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି କହିଛନ୍ । ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହେଇଥିବା ୨ ଦିନିଆ ୟଙ୍ଗ ଇଣ୍ଡିଆ ଟୁର୍ଣ୍ଣାମେଂଟ୍- ୨୦୨୬ ର ଉଦ୍‌ଘାଟନୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି ରାଜ୍ୟପାଲ୍, ଛାତ୍ରଛାତ୍ରୀମାନେ ଗଣତାନ୍ତ୍ରିକ୍ ପରମ୍ପରା ଆଧାରିତ୍ ରହେବାର୍‌କେ ଆହ୍ୱାନ୍ ଦେଇଛନ୍ । ସଂକଟ୍ ସମିଆଥି ୟୁଆନ୍ ପିଢ଼ି ସବୁନୁ ନୂଆଁ ସମାଧାନ୍‌ର ସୂତ୍ର ଦେଇଥିସନ୍ ବଲି ଆତ୍ମବିଶ୍ୱାସ୍ ପ୍ରକାଶ୍ କରିକରି ରାଜ୍ୟପାଲ୍ ଅଂଶଗ୍ରହଣ୍‌କାରୀମାନ୍‌କୁ ଆତ୍ମବିଶ୍ୱାସ୍‌ର ସହେତେ କହେବାର୍, ଧୈର୍ଯ୍ୟର୍ ସହେତେ ଶୁନ୍‌ବାର୍, ଭିନ୍ନମତକେ ସମ୍ମାନ୍ କର୍‌ବାର୍ ଆଉ ବ୍ୟକ୍ତିଗତ ପସନ୍ଦ୍ ଉପ୍‌ରେ ଜାତୀୟ ସ୍ୱାର୍ଥକେ ପ୍ରାଧାନ୍ୟ ଦେବାର୍‌କେ ପରାମର୍ଶ ଦେଇଛନ୍ ।

ଅଶ୍ୱିନୀ ବୈଷ୍ଣବ୍            ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ରେଲ୍‌ଓ୍ୱେ ଯାତ୍ରୀମାନଙ୍କର ସୁରକ୍ଷାକେ ସବୁନୁ ଜହ ପ୍ରାଥମିକତା ଦିଆଯାଉଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ରାଜ୍ୟସଭା ନ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ବୈଷ୍ଣବ୍ କହିଛନ୍, ସର୍‌କାର୍‌ଙ୍କର୍ ତର୍‌ଫୁ ରେଲ୍‌ର ସୁରକ୍ଷା ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଇଥିବାର୍‌ନୁ ରେଲ୍ ଦୁର୍ଘଟଣା କମିଛେ । ୨୦୧୪-୧୫ ବଛ୍‌ରେ ୧୩୫ ଟା ରେଲ୍ ଦୁର୍ଘଟନା ହେଇଥିବାର୍ ବେଲେ ଇ ଆର୍ଥିକ୍ ବଛ୍‌ରେ ଖାଲି ୨ ଟା ରେଲ୍ ଦୁର୍ଘଟଣା ଘଟିଥିଲା । କେନ୍ଦ୍ରମନ୍ତ୍ରୀ କହିଛନ୍, ରେଲ୍ ସୁରକ୍ଷା ବାବଦ୍ ଖର୍ଚ୍ଚା ଭିଲ୍ ବଢ଼ିଛେ । ୨୦୨୬-୨୭ ଆର୍ଥିକ୍ ବଛ୍‌ରେ ଇଥିର୍‌ଲାଗି ୧ ଲାଖ୍ ୨୦ ହଜାର୍ କୋଟିନୁ ଅଏତ୍‌କା ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ଶ୍ରୀ ବୈଷ୍ଣବ୍ କହିଛନ୍ ।

ଜନ ଅଭିଯୋଗ୍ ଶୁଣାଣି          ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ସୋମ୍ବାର୍ ଦିନ ସାଧାରଣ୍ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କର୍‌ବେ । ସେଥିର୍‌ଲାଗି ଆଏଜ୍‌ଠାନୁ ଅନ୍‌ଲାଇନ୍ ପଞ୍ଜିକରଣ୍ ମୁଲ୍ ହେବା । ଲୁକେ janasunani.odisha.gov.in ପୋର୍ଟାଲ୍‌ଥି ପଞ୍ଜିକରଣ୍ କରିପାର୍‌ବେ ।

ପୋକ୍‌ସୋ କୋର୍ଟ        ଆର୍‌ଏନ୍‌ୟୁ/ କଟକ୍

ଦେଶେ ଗଲା ଏପ୍ରିଲ୍ ମାସ ଶେଷ୍‌ତକ୍ ୩ ଶହ ୯୮ ଟା ପୋକ୍‌ସୋ କୋର୍ଟ ସହେତେ ୭ ଶହ ୭୫ ଟା ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକ୍ଷମ୍ ହେଉଛେ ବଲି କେନ୍ଦ୍ର ଆଇନ୍ ଆଉ ନ୍ୟାୟ ରାଷ୍ଟ୍ରମନ୍ତ୍ରୀ ଅର୍ଜୁନ୍‌ରାମ ମେଘଓ୍ୱାଲ୍ କହିଛନ୍ । ଲୋକ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ମେଘ୍‌ଓ୍ୱାଲ୍ କହିଛନ୍, ଇ ଅଦାଲତ୍‌ମାନ୍‌କର୍ ଅଧୀନ୍‌ଥି ୨୦୨୫ ମସିହାଥି ୧ ଲାଖ୍ ୪୩ ହଜାର୍ ୯ ଶହ ୩୬ ଟା ମାମ୍‌ଲା ପଞ୍ଜିକୃତ୍ ହେଇଥିଲା । ସେଥିର୍‌ଭିତ୍‌ରୁ ୬୬ ହଜାର୍ ୫ ଶହ ଟା ମାମ୍‌ଲାର୍ ସମାଧାନ୍ ହେଇଛେ । ଓଡ଼ିଶା ନ ଏଛେନ୍ ମୋଟ୍

୪୪ ଟା ଫାଷ୍ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ କାର୍ଯ୍ୟକ୍ଷମ୍ ହେଉଛେ । ଇଥି ୨୩ ଟା ପୋକ୍ସୋ କୋର୍ଟ ରହିଥିବାର୍ ଜନାପଡ଼ିଛେ ।

ଇଭି ଚାର୍ଜିଂ ଷ୍ଟେସନ        ଆର୍ଏନ୍ୟୁ/ କଟକ୍

ରାଏଜେ ଇଲେକ୍ଟ୍ରିକ୍ ଗାଡ଼ି-ଇଭି ର ଗତିଶୀଳତାକେ ପ୍ରୋତ୍ସାହନ୍ ଦେବାର୍ ଲାଗି କେନ୍ଦ୍ର ସର୍କାର୍ଙ୍କର୍ ଭାରି ଶିଳ୍ପ ମନ୍ତ୍ରଣାଳୟ ତର୍ଫୁ ସାର୍ବଜନୀନ ଇଭି ଚାର୍ଜି ଷ୍ଟେସନ୍ର ବିକାଶ୍ ଲାଗି ପିଏମ୍- ଇଡ୍ରାଇଭ୍ ଯୋଜ୍ନାଥି ୪୦ କୋଟି ୫୦ ଲାଖ ୭୫ ହଜାର ୭୪୦ ଟଙ୍କା ଅନୁଦାନ୍କେ ମଞ୍ଜୁରୀ ମିଲିଛେ । ବାଣିଜ୍ୟ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍, ପୂର୍ବୋଦୟର୍ ପ୍ରବେଶ୍ପଥ ଓଡ଼ିଶାକେ କେନ୍ଦ୍ର ସର୍କାର୍ଙ୍କର୍ ଇଟା ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ । ପରିବେଶ୍ ସୁରକ୍ଷା ଆଉ ଇନ୍ଧନ୍ ସଂଚୟ ଲାଗି ସାରା ଦେଶେ ଇଭି ବେଭାର୍ ବଢ଼ିଛେ । ଗଲା ଜୁନ୍ ମାସେ ଓଡ଼ିଶା ନ ସବୁନୁ ଜହ ପ୍ରତିଶତ୍ ଇଭି ବିକ୍ରି ହେଇଥିବାର୍ ଶ୍ରୀ ଜେନା କହିଛନ୍ ।

ସି.ପି.ଇ.ଟି.        ଆର୍ଏନ୍ୟୁ/ ସମ୍ବଲପୁର

ସି.ପି.ଇ.ଟି. ଆଉ ଦ୍ୱିତୀୟ ବର୍ଷ ବିଏଡ଼୍/ ବି.ଏଚ୍.ଇ.ଡ଼ି./ ଏମ୍.ଏଡ଼୍. ଲାଗି ଫାଇନାଲ୍ ପ୍ରବେଶିକା ମାର୍କ-୨୦୨୬ ଗଲାକାଏଲ୍ ବାହାରିଛେ । ଆବେଦନ୍‌କାରୀମାନେ ସାମ୍ସ ପୋର୍ଟାଲ୍‌ଥି ସେମାନ୍‌କର୍ ଚୂଡ଼ାନ୍ତ ଆଉ ସଂଶୋଧିତ୍ ପ୍ରବେଶିକା ମାର୍କ ଦେଖିବାର୍‌କେ ପରାମର୍ଶ ଦିଆଯାଇଛେ । ଯୋଗ୍ୟ ଆବେଦନ୍‌କାରୀମାନେ ଆଏବା ୨୭ ତାରିଖ୍ ଦିନର ୩ ବଜେ ଉତ୍‌ରୁ ସେମାନ୍‌କର୍ ଚଏସ୍ ଲକିଂ କରିପାର୍‌ବେ । ଇ ବାବଦ୍ ଅଏତ୍‌କା ତଥ୍ୟ ଖୋବ୍ ଜଲ୍‌ଦି ଦିଆଯିବା ।

ପାଣିପାଗ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତରପୂର୍ବ ବଙ୍ଗୋପସାଗରନ ଆଉ ଗୁଟେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏଜ୍ କେନ୍ଦୁଝର୍ ଆର୍ ମୟୁର୍‌ଭଞ୍ଜ ସହେତେ ୧୬ ଟା ଜିଲ୍ଲାର୍ ଗୁଟେ/ ଜୁଡ଼େ ଜାଗା ନ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଥିବାର୍‌ନୁ ଭୁବ୍‌ନେଶ୍ୱର୍ ଆଂଚଲିକ୍

ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫରୁ ସତର୍କ ସୂଚ୍ନା ଜାରି କରାଯାଇଛେ ।